ଏପିସୋଡ ୩

# ଇତିହାସରୁ ଶିକ୍ଷା

ମୂଳ ରଚନା: ନେହା ତ୍ରିପାଠୀ

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

| | | |
|---|---|---|
| ପାତ୍ର | ଲକ୍ଷ୍ମୀ | ଗୃହିଣୀ |
| | କୃଷ୍ଣ | ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ, ଲକ୍ଷ୍ମୀଙ୍କ ସ୍ୱାମୀ |
| | ହରିଶ | ହାଉସିଂ କଲୋନୀର ସଚିବ |
| | ମୀରା | ହରିଶଙ୍କ ପତ୍ନୀ, ପ୍ରାଥମିକ ଶିକ୍ଷୟିତ୍ରୀ |
| | ଇକବାଲ | ଗାଁ ଅଧିକାରୀ |
| | ରାଜା | ନେତା |
| | ବାବୁ | ଜଳବାୟୁ ବିଜ୍ଞାନୀ |
| | ପ୍ରଧାନ ଶିକ୍ଷକ, ବନ୍ୟା ପୀଡ଼ିତ ଆଦି | |

ଦୃଶ୍ୟ ୧

(ହିମାଂଶୁ ହାଉସିଂ କଲୋନୀ, ଲକ୍ଷ୍ମୀଙ୍କ ଘର, ସକାଳ ୬, ପ୍ରବଳ ଭାବରେ ବର୍ଷା ହେଉଛି, ବିଜୁଳି ମାରିବାର ଶବ୍ଦ)

ଲକ୍ଷ୍ମୀ: ହେ ଭଗବାନ, କି ଜୋର ବର୍ଷା ହେଉଛି। ଗୋଟେ ଗୋଟେ ବୁନ୍ଦା

ଲାଗୁଛି ସତେ ଯେମିତି ମତେ ପାଣି କୃଷ୍ଣ, ମତେ ଲାଗୁଛି ଆମ କଲୋନୀ ବୁଡ଼ିଯିବ।

କୃଷ୍ଣ: ତମେ ଭିତରକୁ ଯାଅ। କିଛି ହେବନାହିଁ। ମୁଁ ଏଠି ତିରିଶ ବର୍ଷ ଧରି ରହୁଛି। ଆଜିଯାଏଁ ତ କେବେ ବି କଲୋନୀ ବୁଡ଼ିନାହିଁ। ଆଶା ଯେ ଏଥର ବି ଆମେ ବଞ୍ଚିଯିବା।

ଲକ୍ଷ୍ମୀ: ଗେଟ୍ ପାଖରୁ ମୁଁ ସୁରକ୍ଷାକର୍ମୀଙ୍କୁ ଡାକି ଆଣୁଛି। ଟିଭି ଫ୍ରିଜ ଆଦି ଉପର ମହଲାକୁ ନେବାରେ ସେ ଆମକୁ ସାହାଯ୍ୟ କରିବେ। ରାସ୍ତା ତ ପୂରା ପାଣିରେ ବୁଡ଼ିଗଲାଣି।

କୃଷ୍ଣ: ରୁହ। ପ୍ରଥମେ ମୁଁ ଟିଭିରେ ସମାଚାର ଦେଖିନିଏ। ଟିଭି ଚଳେଇଦିଅ।

ଲକ୍ଷ୍ମୀ: ନିଅ, ଟିଭି ଦେଖ (ଟିଭି ଚାଲୁ କରିଛନ୍ତି)

ଟିଭିରେ ସମାଚାର ଚାଲୁଛି

କେରଳ ବନ୍ୟା: ସାଧାରଣ ଜୀବନ ଅସ୍ତବ୍ୟସ୍ତ। କେରଳରେ ବନ୍ୟା ଏବଂ ଭୂସ୍ଖଳନ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ଯାହା କି ଅପ୍ରତ୍ୟାଶିତ ଦୁଃଖ ଆଉ ଅରାଜକତା ସୃଷ୍ଟି କରୁଛି। ସବୁ ମୁଖ୍ୟ ନଦୀମାନଙ୍କର ଜଳସ୍ତର ବଢୁଛି। ନରାଜ ବନ୍ଧ ସହିତ ଅନେକ ବନ୍ଧ ଖୋଲିଯାଇଛି। ଭୂସ୍ଖଳନ ଏବଂ ଏହିଭଳି ଦୁର୍ଘଟଣାରେ ଗତ ଦୁଇଦିନ ଭିତରେ ଅନେକ ଲୋକଙ୍କର ମୃତ୍ୟୁ ହୋଇଛି। ୧ .୬୭ ଲକ୍ଷ ଲୋକଙ୍କୁ ନିଜ ଘରଠାରୁ ବାହାର କରାଯାଇ ରାଜ୍ୟରେ ସ୍ଥାପିତ ୧୧୬୫

ଆଶ୍ରୟକେନ୍ଦ୍ରରେ ରଖାଯାଇଛି। ଆଜିଯାଏଁ କେରଳରେ ହୋଇଥିବା ପ୍ରାକୃତିକ ବିପଦ ଭିତରେ ଏହା ସବୁଠାରୁ ଭୟଙ୍କର।

କୃଷ୍ଣ: ଏଇ ସୁରକ୍ଷାକର୍ମୀ ବି ଆସିଗଲା। ସେ ମତେ ସବୁ ଇଲେକ୍ଟ୍ରିକାଲ ଆଉ ଇଲେକ୍ଟ୍ରୋନିକ୍ସ ଉପକରଣ ସବୁ କୁ ଉପରକୁ ନେବା ପାଇଁ ସାହାଯ୍ୟ କରିବ। ଏବେ ଟିଭି ବନ୍ଦ କରିଦିଅ।

ଲକ୍ଷ୍ମୀ: ଠିକ ଅଛି। ଆରେ ମାଇକରେ କ'ଣ ସବୁ କହୁଛି। ରହ, ଟିକେ ମନ ଦେଇ ଶୁଣ। ଏତ ସରକାରୀ ଗାଡ଼ି ଆସୁଛି। ଘୋଷଣା ତ ସେଇ ଗାଡ଼ିରୁ କରାଯାଉଛି।

ଘୋଷଣା: ବନ୍ଧୁଗଣ। ଗତ ଦୁଇଦିନ ଧରି ମୂଷଳ ଧାରରେ ବର୍ଷା ହେଉଛି। ଆମର ସବୁ ନଦୀର ଜଳସ୍ତର ବଢୁଛି। ଆମ ଜିଲ୍ଲାରେ ଦୁଇଟି ବନ୍ଧ ଖୋଲାଯାଇଛି। ଭୂସ୍ଖଳନ ବି ହେଉଛି। ଆଶଙ୍କା କରାଯାଉଛି ଯେ ଏ କଲୋନୀ ଯେକୌଣସି ସମୟରେ ବୁଡ଼ିଯାଇପାରେ। ଆପଣମାନେ ଯେତେ ଶୀଘ୍ର ପାରନ୍ତି ଘର ଖାଲି କରିଦିଅନ୍ତୁ। ଆପଣମାନଙ୍କୁ ଗୋଟିଏ ସୁରକ୍ଷିତ ସ୍ଥାନକୁ ନେଇଯିବା ପାଇଁ ଆମେ ପରିବହନର ବ୍ୟବସ୍ଥା କରିଛୁ। ଦୟାକରି ଆପଣମାନଙ୍କ ସୁରକ୍ଷା ପାଇଁ ଆମ ସହ ସହଯୋଗ କରନ୍ତୁ।

ଲକ୍ଷ୍ମୀ: ମୁଁ ଭାବୁଛି ଏ ଜାଗା ଛାଡ଼ିଦେବା ବୁଦ୍ଧିମାନର କାମ ହେବ। ବ୍ୟାଗରେ ଲୁଗାପଟା ସହିତ କିଛି ଦରକାରୀ ଜିନିଷ ମୁଁ ରଖୁଛି। ମେନ୍ ସ୍ୱିଚ୍‌କୁ ବନ୍ଦ କରିଦେବା ଉଚିତ ହେବ।

କୃଷ୍ଣ: ଠିକ ଅଛି। ମୁଁ ଟିକିଏ ଆମ ସଂଘର ସଚିବ ହରିଶ କଥା ହୁଏ। ଏ

ବିଷୟରେ ତାଙ୍କ ମତ କ'ଣ?

(ଜୋରରେ ପାଟି କରି) ହରିଶ, ହରିଶ

ହରିଶ: (ଜୋର ପାଟିରେ) କୃଷ୍ଣବାବୁ, ମୁଁ ଆପଣଙ୍କୁ ଶୁଣିପାରୁଛି। ମୁଁ ଆଉ ମୀରା ଏ ଜାଗା ଛାଡ଼ିବାର ନିଷ୍ପତ୍ତି ନେଇଛୁ। ଏଠିକାର ସବୁ ଅଧିବାସୀଙ୍କୁ ଏଇଆ କରିବା ପାଇଁ ମୁଁ କହୁଛି। ସ୍ଥାନୀୟ କଲେଜର ଏନଏସଏସ ପିଲାମାନେ ଆମକୁ ସାହାଯ୍ୟ କରିବାକୁ ଆସିଛନ୍ତି।

ଲକ୍ଷ୍ମୀ: ଭଗବାନ ବଡ଼ଲୋକ।

କୃଷ୍ଣ: ପାଣି ଆମଘରେ ପଶିଲା। ରାସ୍ତା ଉପରେ ବି ଅଣ୍ଟାଏ ପାଣି ହେଲାଣି। ଏବେ ଏ ଜାଗା ନ ଛାଡ଼ିଲେ ଆମ ପାଇଁ ବହୁତ ବିପଦଜନକ ହୋଇଯିବ।

ମୀରା: ଲକ୍ଷ୍ମୀ, ଏବେ ଆରମ୍ଭ କରିବା , ଏଇ ପିଲାମାନେ ଆମକୁ ଏଠୁ ଉଦ୍ଧାର କରିବାରେ ସାହାଯ୍ୟ କରିବେ।

ହରିଶ: ଆମେ ସମସ୍ତେ ରାଜସ୍ୱ ଅଧିକାରୀଙ୍କ କଥା ଅନୁସାରେ ଏ ଜାଗା ଛାଡ଼ିବା ପାଇଁ ପ୍ରସ୍ତୁତ...

ରାଜା: ସମ୍ମାନନୀୟ କଲୋନୀବାସୀ। ମୁଁ ନ୍ୟାସନାଲ ସର୍ବିସ୍ ସ୍କିମ୍ ସ୍ୱୟଂସେବକଙ୍କ ନେତା ରାଜା। ଏବେ ଆମେ ଆପଣଙ୍କୁ ମୁଖ୍ୟ ରାସ୍ତାକୁ ନେଇଯାଉଛୁ, ସେଠି ଏବେ ଯାଏଁ ପାଣି ପଶିନାହିଁ। ଦୁଇଟି ରାଜ୍ୟ ପରିବହନ ବସ୍ ଆପଣମାନଙ୍କ ପାଇଁ ଅପେକ୍ଷା କରିଛି। ଏ ବସ୍ ଆପଣଙ୍କୁ ବିବେକାନନ୍ଦ ହାୟରସେକେଣ୍ଡାରୀ ସ୍କୁଲକୁ ନେଇଯିବ। ସେଠି

ଦୁଇଦିନ ଧରି ରିଲିଫ କ୍ୟାମ୍ପ ଆରମ୍ଭ କରାଯାଇଛି।

ହରିଶ: ଏବେ ଆମେ ସମସ୍ତେ ସୁରକ୍ଷିତ ଭାବରେ ପାଣିଭରା ରାସ୍ତା ପାରି ହୋଇଗଲେଣି। ଦୟାକରୀ ପ୍ରଥମେ ବସ୍‌ରେ ମହିଳା , ଶିଶୁ ଓ ବୟସ୍କମାନଙ୍କୁ ଯିବାକୁ ଦିଅନ୍ତୁ।

ରାଜା: ଡ୍ରାଇଭର, ଏବେ ବସ୍ ଚଳାଅ।

ଲକ୍ଷ୍ମୀ: ରାଜା, ଆମ ଭିତରୁ ଅଧିକାଂଶ ସକାଳ ଜଳଖିଆ ଖାଇନାହାଁନ୍ତି। ପିଲାମାନଙ୍କୁ ବି ବହୁତ ଭୋକ ଲାଗୁଛି। କ'ଣ କରିବା?

ରାଜା: ମା, ଚିନ୍ତା କରନ୍ତୁନାହିଁ। ରିଲିଫ କ୍ୟାମ୍ପରେ ପହଞ୍ଚିବା ମାତ୍ରେ ଆପଣମାନଙ୍କୁ ଜଳଖିଆ ଦିଆଯିବ। ଯଦି ଆପଣମାନଙ୍କ ଭିତରୁ ଯଦି କେହି କୌଣସି ବନ୍ଧୁବାନ୍ଧବଙ୍କ ଘରକୁ ଯିବାକୁ ଚାହାନ୍ତି ଆମକୁ ଜଣାଇବେ।

(ବସ୍ ଚାଲିବାର ଶବ୍ଦ)

ଲକ୍ଷ୍ମୀ: ଶୁଣିଛି ଯେ ଏହା ଆଗରୁ ୧୯୨୪ ମସିହାରେ ଏମିତି ବନ୍ୟା ଆସିଥିଲା। ହରିଶ, ଏମିତି କ'ଣ ଜଳବାୟୁ ପରିବର୍ତ୍ତନ ଯୋଗୁ ହେଉଛି, ଯେମିତି ସେଦିନ ଲୋକମାନେ କଥା ହେଉଥିଲେ?

ହରିଶ: ଭଉଣୀ, ଆମେ କେମିତି କହିପାରିବା, କେବଳ ବୈଜ୍ଞାନିକମାନେ ହିଁ ଏ ବିଷୟ ବୁଝେଇ ପାରିବେ। କିନ୍ତୁ ଗୋଟିଏ କଥା ମୁଁ ଜାଣିଛି ଯେ, ଆମ ବୈଜ୍ଞାନିକମାନେ ଗବେଷଣା ସଂସ୍ଥା ଦ୍ୱାରା ଦିଆଯାଉଥିବା ସତର୍କବାଣୀକୁ ଗମ୍ଭୀରତାର ସହ ନିଅନ୍ତିନାହିଁ।

କୃଷ୍ଣ: ଠିକ କହିଛନ୍ତି ଆପଣ...

ରାଜା: ଏବେ ଆମେ ରିଲିଫ କ୍ୟାମ୍ପ ପହଞ୍ଚିଗଲେ । ଦୟାକରୀ ତଳକୁ ଓହ୍ଲେଇ ଯାଆନ୍ତୁ। ସବା ଆଗ ଆପଣଙ୍କ ନାଁ ପଞ୍ଜୀକୃତ କରାନ୍ତୁ। ଆପଣଙ୍କୁ ବ୍ୟାଚ୍ ସହିତ ଗୋଟିଏ ନିତ୍ୟବ୍ୟବହାର ଜିନିଷ ଥିବା କିଟ୍ ଏବଂ ଅନ୍ୟ ଆବଶ୍ୟକ ପଦାର୍ଥ ଦିଆଯିବ। ତା'ପରେ ଆପଣ ଖାଇବା ପାଇଁ ଉଦ୍ଦିଷ୍ଟ ଘରକୁ ଯାଇପାରିବେ।

ହରିଶ: ଏବେ ଚାଲ ଯିବା...

ଦୃଶ୍ୟ ପରିବର୍ତ୍ତନ

(ରିଲିଫ କ୍ୟାମ୍ପର ଖାଇବା ଘର, ଲୋକମାନେ କଥା ହେଉଛନ୍ତି, ପିଲା କାନ୍ଦୁଛନ୍ତି)

ମୀରା: ମତେ ଭୋକ ଲାଗିଲାଣି। ଏମାନେ କ'ଣ ଖାଇବାକୁ ଦେବେ...

ହରିଶ: ଇଡଲି, ଚଟଣି ଆଉ ଚା...

ମୀରା: ବଢ଼ିଆ...

ଇକବାଲ: ଦୟାକରୀ ଧ୍ୟାନ ଦିଅନ୍ତୁ। ମୋ ନାଁ ଇକବାଲ। ମୁଁ ଏଠିକା ଗାଁ ମୁଖିଆ। ଏହି ରିଲିଫ କ୍ୟାମ୍ପର ମୁଁ ମୁଖିଆ। ଏଠି ୩୧୦ ଜଣ ଲୋକ ଅଛନ୍ତି। ସ୍କୁଲ ପ୍ରଧାନଶିକ୍ଷକ, ବିଧାୟକ, କାଉନସେଲର୍, କେତେକ ସରକାରୀ ଅଧିକାରୀ, କେତେ ସାମାଜିକ ସଂଗଠନର ସଦସ୍ୟ, ଏନଏସଏସର ସ୍ୱେଚ୍ଛାସେବୀ ଆପଣମାନଙ୍କ ସାହାଯ୍ୟ ପାଇଁ ଅଛନ୍ତି।

ପ୍ରଧାନଶିକ୍ଷକ: ଜଳଖିଆ ଖାଇ ସାରିବା ପରେ ଆପଣଙ୍କୁ ଆପଣଙ୍କ ରହିବା

ଜାଗା ଦେଖାଇ ଦିଆଯିବ। ଏଠି ମହିଳା ଆଉ ପୁରୁଷଙ୍କ ପାଇଁ ଅଲଗା ଅଲଗା ହଲ୍‌ର ବ୍ୟବସ୍ଥା କରାଯାଇଛି। ଆପଣ ସମସ୍ତଙ୍କୁ ବିଛଣା ଯୋଗାଇ ଦିଆଯିବ। ଯେଉଁମାନଙ୍କର ଲୁଗାପଟା ଦରକାର ଆମକୁ ଆଗୁଆ ଜଣାଇବେ। ସ୍ୱେଚ୍ଛାସେବୀମାନେ ବ୍ୟବସ୍ଥା କରିଦେବେ।

ରାଜା: ଗୋଟିଏ ଜରୁରୀ ସୂଚନା। ଆମେ ସନ୍ଧ୍ୟାରେ ବିଭିନ୍ନ ଶ୍ରେଣୀଗୃହରେ କେତେକ ଶିକ୍ଷଣୀୟ, ମନୋରଞ୍ଜନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରୁଛୁ। ଆପଣ ଏଭିତରୁ କୌଣସିଥିରେ ବି ଭାଗ ନେଇପାରିବେ।

ପ୍ରଧାନଶିକ୍ଷକ: ହଁ, ଜଣେ ଜଳବାୟୁ ବିଶେଷଜ୍ଞ ରାତିରେ କ୍ୟାମ୍ପକୁ ଆସିବେ । ସେ ଆପଣମାନଙ୍କ ସହ ଆଲୋଚନା କରିବେ। ଏ ବିଷୟରେ ଆଗ୍ରହୀ ଥିବା ଲୋକମାନେ ଏଥିରେ ଭାଗ ନେଇପାରିବେ।

କୃଷ୍ଣ: ଲକ୍ଷ୍ମୀ, ଆମ ଘରର କାମବାଲି ବି ତା ପରିବାର ସହ ଏଠି ଅଛି।

ଲକ୍ଷ୍ମୀ: ଆମେ ଆପଣଙ୍କ ସାଙ୍ଗ ଶଙ୍କରଙ୍କ ଘରକୁ ଯିବା କି?

କୃଷ୍ଣ: ନା ଏଠି ଆମର ଅଲଗା ପ୍ରକାରର ଅନୁଭୂତି ହେବ। ଧନୀ ଗରିବ ସମସ୍ତେ ଏଠି ଏକାଠି ରହୁଛନ୍ତି। ଏଠି ସମସ୍ତେ ସମାନ। ଏହା ଏକ ଅଦ୍ଭୂତ ଅନୁଭବ।

ମୀରା: ଆପଣ ପୂରା ଠିକ କହୁଛନ୍ତି ସାର୍ । ଆମର ବନ୍ଧୁବାନ୍ଧବ ଏଇ ପାଖରେ ହିଁ ରହୁଛନ୍ତି। କିନ୍ତୁ ଆମେ ଏଇଠି ରହିବା ପାଇଁ ଠିକ କଲୁ। ଏବେ ଚାଲନ୍ତୁ ଟିକେ ଆରାମ କରିବା।

ଦୃଶ୍ୟ ପରିବର୍ତ୍ତନ

(ରିଲିଫ କ୍ୟାମ୍ପର ଗୋଟିଏ କୋଠରୀ, ପ୍ରାୟ ୩୦ଜଣ ଲୋକ ବସିଛନ୍ତି)

କୃଷ୍ଣ: ହରିଶ, ତମେ କଲେକ୍ଟର ଅଫିସରେ ତମ କାମ ସାରିଲ?

ହରିଶ: ଏବେ ସରନି। ମତେ ଆଉ ଥରେ ଯିବାକୁ ପଡ଼ିବ। ଅଫିସ ସାରାଦିନ ଖୋଲା। ଆମ ରାଜ୍ୟ ଏବେ ସଙ୍କଟରେ ଅଛି। ରିଲିଫ କାମ ଚାଲିଛି। ମିଲିଟାରୀ, ନୌସେନା, ବାୟୁସେନା, ମତ୍ସ୍ୟଜୀବି, ସ୍ୱେଚ୍ଛାସେବୀ ସମସ୍ତଙ୍କ ଜୀବନ ବଞ୍ଚାଇବା ପାଇଁ ବହୁତ ପରିଶ୍ରମ କରୁଛନ୍ତି। ମୁଁ ଏଇ ଶ୍ରେଣୀରେ ଭାଗ ନେବି, ମୋ କାମ ସାରି ପୁଣି ଏଠିକି ଫେରିବି।

ମୀରା: ଜଣେ ଶିକ୍ଷକ ଭାବରେ ମୁଁ ବି ଏଇ ଶ୍ରେଣୀରେ ଭାଗ ନେବାକୁ ଆଗ୍ରହୀ। ସେଥିପାଇଁ ସେଠି ନାଚ ଚାଲିଥିବା ହଲ୍‌କୁ ମୁଁ ଗଲିନାହିଁ।

ରାଜା: ବନ୍ଧୁଗଣ, ଦୟାକରି ଶୁଣନ୍ତୁ। ପିଲାଠାରୁ ଆରମ୍ଭ କରି ବୁଢ଼ା ଯାଏଁ ସବୁ ଲୋକ। ସମସ୍ତେ ବିଭିନ୍ନ ଶ୍ରେଣୀଗୃହରେ ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଉଛନ୍ତି। କିନ୍ତୁ ଆମେ ଏଠି ଗୋଟିଏ ଶିକ୍ଷଣୀୟ କାର୍ଯ୍ୟକ୍ରମର ବ୍ୟବସ୍ଥା କରିଛୁ। ପ୍ରସିଦ୍ଧ ଜଳବାୟୁ ବିଜ୍ଞାନୀ ଡ. ବାବୁ ଆପଣମାନଙ୍କ ସହ କଥା ହେବା ପାଇଁ ଆସିଛନ୍ତି। ମଜାର କଥା ହେଉଛି ତାଙ୍କ ଘର ରାସ୍ତାରେ ବି ପାଣି ମାଡ଼ିଯାଇଛି। ଏହା ସବୁଠାରୁ ଭୟଙ୍କର ବନ୍ୟା। ପ୍ରାୟ ଏକ ଶତାବ୍ଦୀ ପରେ ଏମିତି ବନ୍ୟା ଆମ ରାଜ୍ୟକୁ ଆସିଛି। କାହିଁକି ଏମିତି ହେଲା? ଏହାର ଅନେକ କାରଣ ହୋଇପାରେ। ସମସ୍ୟା ବହୁତ ଜଟିଳ। ଡ. ବାବୁ ଆପଣମାନଙ୍କ ସହ ଜଳବାୟୁ ପରିବର୍ତ୍ତନର

କେତେକ ମୌଳିକ ତଥ୍ୟ ଉପରେ ଆଲୋଚନା କରିବେ। ଆପଣମାନଙ୍କ ତରଫରୁ ମୁଁ ଡ. ବାବୁଙ୍କୁ ସ୍ୱାଗତ କରୁଛି। (ତାଳି ଶବ୍ଦ)

ବାବୁ: ଧନ୍ୟବାଦ ରାଜା। ଆସନ୍ତୁ ପ୍ରଥମେ ମୂଳ ପ୍ରସଙ୍ଗକୁ ବୁଝିବା। ଜଳବାୟୁ ପରିବର୍ତ୍ତନ କହିଲେ କ'ଣ ବୁଝିବା? ଆମ ଦୁନିଆ ଲଗାତର ବଦଳି ଚାଲି। ଆପଣମାନେ ପାଣିପାଗ ବଦଳିବା ଦେଖୁଛନ୍ତି। ପାଣିପାଗ ବି ବଦଳେ। ଜଳବାୟୁ ବି ବଦଳୁଛି। ସେଠି ଜଣେ ଭଦ୍ରମହିଳା କିଛି ପଚାରିବାକୁ ଚାହୁଁଛନ୍ତି। ଭଉଣୀ, ପ୍ରଶ୍ନ ପଚାରିବା ପାଇଁ ଆପଣଙ୍କୁ ସ୍ୱାଗତ।

ମୀରା: ମୁଁ ମୀରା। ଗୋଟିଏ ପ୍ରାଥମିକ ସ୍କୁଲରେ ଶିକ୍ଷୟିତ୍ରୀ ଅଛି। ମୁଁ ଏହି ବନ୍ୟାରେ ପୀଡ଼ିତ।

ବାବୁ: (ହସି ହସି) ମୁଁ ଜାଣିଛି। ସେଥିପାଇଁ ତ ଆପଣ ଏଠିକୁ ଆସିଛନ୍ତି।

ମୀରା: ପାଣିପାଗ ଆଉ ଜଳବାୟୁ ଭିତରେ ତଫାତ କ'ଣ?

ରାଜା: ସାର୍, ମୁଁ ଏ ପ୍ରଶ୍ନର ଉତ୍ତର ଦେଇପାରିବି କି?

ବାବୁ: ହଁ ହଁ ନିଶ୍ଚୟ।

ରାଜା: ଦୁଇଟି ଭିତରେ ମୂଳ ତଫାତ ହେଉଛି ସମୟର ମାପରେ। ଅଳ୍ପ ସମୟ ପାଇଁ ବାୟୁମଣ୍ଡଳର ଯାହା ସ୍ଥିତି ହୁଏ ତାକୁ ପାଣିପାଗ କୁହାଯାଏ। କିନ୍ତୁ ଜଳବାୟୁ ହେଉଛି ଅପେକ୍ଷାକୃତ ଲମ୍ବା ସମୟରେ ବାୟୁମଣ୍ଡଳର ବ୍ୟବହାର।

ବାବୁ: ଠିକ କହିଛ ତୁମେ। ଲମ୍ବା ସମୟ ମାନେ ସାଧାରଣତଃ ୩୦ ବର୍ଷରୁ ଅଧିକ । କୌଣସି ଅଞ୍ଚଳର ବାୟୁମଣ୍ଡଳ ତା'ର ହାରାହାରି ପାଣିପାଗ

ଢାଞ୍ଚା ରୂପରେ ବର୍ଣ୍ଣନା କରାଯାଇ ପାରିବ।

ହରିଶ: ଟିକିଏ ବିସ୍ତାରପୂର୍ବକ ବୁଝେଇବେ କି?

ରାଜା: ସାଧାରଣତଃ, ପାଣିପାଗ ତାପମାତ୍ରା, ଆର୍ଦ୍ରତା, ବାଦଲ, ଉଜଳତା, ଦୃଶ୍ୟତା, ବିଜୁଳି, ବାୟୁ, ଉଚ୍ଚ ଏବଂ ନିମ୍ନ ବାୟୁଚାପ ସହ ଯୋଡ଼ା । ଉଦାହରଣ ସ୍ୱରୂପ ଆଜି ବହୁତ ବାଦଲ ଢାଙ୍କି ରହିବ।

ବାବୁ: ପାଣିପାଗରେ ଖରା , ବର୍ଷା, ବାଦଲ ଢଙ୍କା, ବାୟୁ, କୁଆପଥର, ବରଫ, ଝଡ଼, ତାପପ୍ରବାହ ଆଦି ବି ମିଶିଥାଏ।

ଲକ୍ଷ୍ମୀ: ଆଉ ଜଳବାୟୁ?

ଜଣେ ଛାତ୍ର: ମୁଁ ପାଣିପାଗ ବିଜ୍ଞାନରେ ଏମଏସସି ପଢ଼ୁଛି । ମୁଁ ଏ ପ୍ରଶ୍ନର ଉତ୍ତର ଦେବି। ଜଳବାୟୁ ହେଉଛି କୌଣସି ଜାଗାର ଲମ୍ବା ସମୟ ଧରି ହେଉଥିବା ବର୍ଷା, ତାପମାତ୍ରା, ଆର୍ଦ୍ରତା, ଖରା, ବାୟୁର ବେଗ, ଏବଂ ଜଳବାୟୁର ଅନ୍ୟ କାରକର ପରିମାଣ।

ବାବୁ: ଏଠି କମ୍ ଲୋକ ଅଛନ୍ତି, କିନ୍ତୁ ଏଠି ଏମିତି ଯୁବଗୋଷ୍ଠୀ ଅଛନ୍ତି ଯେଉଁମାନେ ଏ ବିଷୟ ଜାଣିଛନ୍ତି ଦେଖି ମତେ ଖୁସି ଲାଗୁଛି । ପୃଥିବୀ ଯେତିକି ଗରମ ହେଉଛି, ତା'ର ଜଳବାୟୁ ବି ବଦଳୁଛି। ଆଉ ଏହା ଭଲ ପାଇଁ ହେଉଛି ବୋଲି ଭାବିବା ଠିକ ନୁହେଁ।

ମୀରା: ଜଳବାୟୁ ପରିବର୍ତ୍ତନର କାରଣ ତେବେ କ'ଣ?

ବାବୁ: ଏହାର ମୁଖ୍ୟ ତିନୋଟି କାରଣ ହୋଇପାରେ । ପୃଥିବୀର ଆଭ୍ୟନ୍ତରୀଣ ପ୍ରାକୃତିକ ପ୍ରକ୍ରିୟା ଯୋଗୁ ହେଉଥିବା ଆଗ୍ନେୟଗିରି

ଉଦ୍‌ଗୀରଣ, ତା ସହ ସୌରପ୍ରବାହ ଏବଂ ଶିଳ୍ପବିପ୍ଳବ ଦିନଠାରୁ ମଣିଷର କ୍ରିୟାକଳାପ

ରାଜା: ଏସବୁ ମିଶି ବାୟୁ, ଜଳ ଏବଂ ମୃତ୍ତିକା ପ୍ରଦୂଷଣ କରିବାରୁ ବାୟୁମଣ୍ଡଳର ସଂରଚନା ବଦଳିଯାଇଛି। ଫଳରେ ପୃଥିବୀରେ ଜଳବାୟୁ ପରିବର୍ତ୍ତିତ ହେଉଛି। କ'ଣ ସାର୍, ଠିକ କହୁଛି ନା?

ବାବୁ: ତମେ ପୂରା ଠିକ କହୁଛ। ମନେରଖିବା ଯେ ଜଳବାୟୁ ପରିବର୍ତ୍ତନକୁ ଜନ୍ମ ଦେଉଥିବା ପ୍ରଥମ ଦୁଇଟି କାରଣ ଉପରେ ଆମର କୌଣସି ନିୟନ୍ତ୍ରଣ ନାହିଁ। କିନ୍ତୁ, ମଣିଷ ତା କ୍ରିୟାକଳାପକୁ ସୀମିତ କରି ସବୁଜକୋଠରୀ ବାଷ୍ପ ଉତ୍ସର୍ଜନ କମେଇ ପାରିବ।

ହରିଶ: ସବୁଜକୋଠରୀ ବାଷ୍ପ କ'ଣ?

ବାବୁ: ପୃଥିବୀର ତାପମାତ୍ରା ସୂର୍ଯ୍ୟଠାରୁ ମିଳୁଥିବା ଶକ୍ତି ଏବଂ ମହାକାଶକୁ ପ୍ରତିଫଳିତ ହେଉଥିବା ଶକ୍ତି ଭିତରେ ଥିବା ସନ୍ତୁଳନ ଉପରେ ନିର୍ଭର କରେ। କିଛି ବାୟୁମଣ୍ଡଳୀୟ ବାଷ୍ପ ଏହି ସନ୍ତୁଳନ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ଏସବୁକୁ ସବୁଜକୋଠରୀ ବାଷ୍ପ ଭାବରେ ଜଣାଯାଏ।

ମୀରା: ମୁଁ ସବୁଜକୋଠରୀ ବିଷୟରେ ଶୁଣିଛି। ଆପଣ ଏ ବିଷୟରେ ଆଉ ଟିକେ ବୁଝେଇ କହିବେ କି?

ବାବୁ: ମୋର ବିଶ୍ୱାସ ଆମ ଭିତରେ ଥିବା ବିଜ୍ଞାନ ଛାତ୍ରଙ୍କ ଭିତରୁ କେହି ବୁଝେଇ ପାରିବେ। କିଏ କହିବ?

ଜଣେ ଛାତ୍ର: ମୁଁ କହିପାରିବି ସାର୍। ସୂର୍ଯ୍ୟକିରଣ ପୃଥିବୀରେ ପହଞ୍ଚିବା

ମାତ୍ରେ ଧୀରେ ଧୀରେ ପୃଥିବୀ ପୃଷ୍ଠକୁ ଗରମ କରେ। ମାଟି ଗରମ ହୋଇଗଲେ ଗରମ ବାହାରେ। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପ , ଓଜୋନ, ମିଥେନ, ନାଇଟ୍ରସ ଅକ୍ସାଇଡ ଆଦି କିଛି ବାଷ୍ପକୁ ସାମୁହିକ ଭାବରେ ସବୁଜକୋଠର ବାଷ୍ପ କୁହାଯାଏ। ଏଗୁଡ଼ିକ ତାପମାତ୍ରାକୁ କମ୍ବଳ ଭଳି ଧରି ରଖେ ଆଉ ଶେଷରେ ତାକୁ ବାୟୁମଣ୍ଡଳକୁ ଛାଡ଼ିଦିଏ।

ବାବୁ: ପୃଥିବୀକୁ ଉଷୁମ ରଖିବାର ଏହି ପ୍ରାକୃତିକ ପ୍ରକ୍ରିୟାକୁ ସବୁଜକୋଠରୀ ପ୍ରଭାବ କୁହାଯାଏ।

ହରିଶ: ସାର୍, ଏ ଶବ୍ଦକୁ ପ୍ରଥମେ କିଏ ଖୋଜି ବାହାର କରିଥିଲେ।

ବାବୁ: ଏ ଶବ୍ଦ ସ୍ୱୀଡେନର ନୋବେଲ ପୁରସ୍କାର ବିଜେତା ବୈଜ୍ଞାନିକ ସ୍ୱାନ୍ତେ ଆର୍‌ହେନିଅସ୍ ପ୍ରଥମେ କହିଥିଲେ । ସେ ୧୮୯୦ ଦଶକରେ ପ୍ରସ୍ତାବ ଦେଇଥିଲେ ଯେ ଅଙ୍ଗାରକାମ୍ଳ ବାଷ୍ପର ଘନତାରେ ଫରକ ପୃଥିବୀର ତାପମାତ୍ରାରେ ଥିବା ବିବିଧତାକୁ ବୁଝାଇପାରେ।

ରାଜା: ସବୁଜକୋଠରୀକୁ ଗ୍ଲାସହାଉସ ବି କୁହାଯାଏ। ଏହା ଏଭଳି ଏକ ସଂରଚନା ଯାହାର କାନ୍ଥ ଆଉ ଛାତ ମୁଖ୍ୟତଃ କାଚ ଭଳି ସ୍ୱଚ୍ଛ ପଦାର୍ଥରେ ତିଆରି ହୋଇଥାଏ। ଯେଉଁ ଗଛମାନଙ୍କୁ ନିୟନ୍ତ୍ରିତ ତାପମାତ୍ରାରେ ବଢ଼ାଇବାକୁ ହୁଏ, ସେସବୁକୁ ଏହା ଭିତରେ ଲଗାଯାଏ। ଆମ ପୃଥିବୀ ବି ଗୋଟିଏ ସବୁଜକୋଠରୀ ବା କାଚଘର ଭଳି।

ବାବୁ: ପୃଥିବୀରେ ତାପମାତ୍ରା ନିୟନ୍ତ୍ରଣ କରୁଥିବା କାରକ ଭିତରୁ ସବୁଜକୋଠରୀ ପ୍ରଭାବ ଗୋଟିଏ। ସବୁଜକୋଠରୀ ପ୍ରଭାବ ନ ଥିଲେ

ପୃଥିବୀର ହାରାହାରି ତାପମାତ୍ରା -୧୮ ଡିଗ୍ରୀ ହୋଇଥାନ୍ତା। ଏତେ ଥଣ୍ଡାରେ ପୃଥିବୀରେ ଜୀବନ ସମ୍ଭବ ହୋଇ ନ ଥାନ୍ତା।

ମୀରା: ଜଳବାୟୁ ପରିବର୍ତ୍ତନ ବିଷୟ କେବେ ମୁଖ୍ୟ ବିୟ ହେଲା?

ବାବୁ: ଐତିହାସିକ ପ୍ରମାଣ ଜଣାଏ ଯେ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀ ବେଳୁ ଗ୍ରୀକମାନଙ୍କୁ ଏ ବିଷୟରେ କିଛି ଜଣାଥିଲା। ଆରିଷ୍ଟୋଟଲଙ୍କର ଜଣେ ଛାତ୍ର ଥିଓଫାଷ୍ଟସ୍ ମତ ଦେଇଥିଲେ ଯେ ଗଛ କାଟିଲେ ପାଣିପାଗ ବଦଳିପାରେ। ଜଙ୍ଗଲ କଟା ଏବଂ ଜଳବାୟୁ ପରିବର୍ତ୍ତନ ସହିତ ତା'ର ସମ୍ପର୍କ ବିଷୟରେ ୧୭ଶ ଶତାବ୍ଦୀରେ କୁହାଗଲା ସେତେବେଳେ ଦାବୀ କରାଗଲା ଯେ ଜଙ୍ଗଲ କଟା ହେବା ଯୋଗୁ ଇଉରୋପ ଏବଂ ଉତ୍ତର ଆମେରିକାରେ ନିଶ୍ଚିତ ଭାବରେ ତାପମାତ୍ରା ବଢ଼ିଛି।

ଜଣେ ଛାତ୍ର: ଆପଣ କହିଲେ ଯେ ପୃଥିବୀକୁ ସାଧାରଣ ତାପମାତ୍ରାରେ ରଖିବା ପାଇଁ ସବୁଜକୋଠରୀ ପ୍ରଭାବ ଆବଶ୍ୟକ, ଏଥିରେ ଜୀବନ ବିକଶିତ ହେବାର ସମ୍ଭାବନା ବଢ଼େ। ତାହେଲେ ତ ଭଲ ହେଲା।

ବାବୁ: ନିଶ୍ଚିତ ଭାବରେ। କିନ୍ତୁ ସମସ୍ୟା ହେଉଛି କୌଣସି ଜିନିଷ ଅତି ହେଲେ ଖରାପ। ଆଉ ଏସବୁ ବାଷ୍ପର ଅତ୍ୟଧିକ ବୃଦ୍ଧି ଗୁରୁତର ପ୍ରଭାବ ପକାଇପାରେ। ଅଧିକ ଅଙ୍ଗାରକାମ୍ଳ ବା ଅନ୍ୟ ସବୁଜକୋଠରୀ ବାଷ୍ପ ଜମା ହେଲେ ପୃଥିବୀର ଢାଙ୍କୁଣି ଆହୁରି ମୋଟା ହୋଇଯାଏ। ଫଳରେ ଅଧିକ ଗରମ ଲାଗେ। ଏହା ପୃଥିବୀକୁ ସବୁଜକୋଠରୀ ଭଳି ଗରମ କରିଦିଏ।

ମୀରା: ସବୁଜକୋଠରୀ ପ୍ରଭାବ ଆଉ ବିଶ୍ୱ ଉଷ୍ମାୟନ ଭିତରେ କ'ଣ ତଫାତ ଅଛି?

ବାବୁ: ବିଶ୍ୱ ଉଷ୍ମାୟନ ଆଉ ସବୁଜକୋଠରୀ ପ୍ରଭାବ ଏକା କଥା ନୁହେଁ। ହଁ ଅନେକ ସମୟରେ ଏହାକୁ ଯୋଡ଼ାଯାଏ ଏବଂ ଗୋଟିଏକୁ ଆଉ ଗୋଟିଏ ରୂପରେ ଚିତ୍ରିତ କରାଯାଏ। ବିଶ୍ୱ ଉଷ୍ମାୟନ ଯୋଗୁ ପୃଥିବୀର ଜଳବାୟୁରେ ପରିବର୍ତ୍ତନ ଆସିଛି , ପୃଥିବୀ ଗରମ ହେଉଛି। ଅନ୍ୟ ପକ୍ଷରେ ସବୁଜକୋଠରୀ ପ୍ରଭାବ ଗୋଟିଏ ପ୍ରାକୃତିକ ପ୍ରକ୍ରିୟା , ସୂର୍ଯ୍ୟକିରଣ ଆଉ ବାୟୁମଣ୍ଡଳ ଯୋଗୁ ଏହା ଲଗାତର ଚାଲିଥାଏ। ସବୁଜକୋଠରୀ ପ୍ରଭାବ ବହୁତ ବେଶୀ ହୋଇଗଲେ ବିଶ୍ୱ ଉଷ୍ମାୟନର କାରଣ ହୋଇପାରେ।

କୃଷ୍ଣ: ମଣିଷ ଜଳବାୟୁ ପରିବର୍ତ୍ତନରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି, ଏକଥା ପ୍ରଥମେ ମଣିଷ କେବେ ଜାଣିଲା?

ବାବୁ: ଲମ୍ବା କାହାଣୀ। ୧୯ଶ ଶତାବ୍ଦୀର ଶେଷ ଭାଗରେ, ଜଣେ ଫରାସୀ ବୈଜ୍ଞାନିକ ଜାଁ ରିସେଟ୍ ଦେଖିଲେ ଯେ ପ୍ୟାରିସରେ ଅଙ୍ଗାରକାମ୍ଳର ପରିମାଣ ଆଖପାଖ ଗାଁ ତୁଳନାରେ ଅଧିକ ରହୁଛି । ଅଙ୍ଗାରକାମ୍ଳର ଉପସ୍ଥିତି ଜାଣିବା ପାଇଁ ଲେମ୍ବୁପାଣି ବ୍ୟବହାର କଲେ। କାରଖାନା, ଗାଡ଼ିମଟର ଆଉ ମଣିଷର କାରବାରକୁ ଦୋଷୀ ସାବ୍ୟସ୍ତ କଲେ , ଏମାନେ ହିଁ ଅଧିକ ପରିମାଣରେ ଅଙ୍ଗାରକାମ୍ଳ ବାଷ୍ପ ଉତ୍ସର୍ଜିତ କରୁଛନ୍ତି।

ଜଣେ ଛାତ୍ର: ଅଙ୍ଗାରକାମ୍ଳର ବିପଦଜନକ ସ୍ତର କେତେ ତାହା ସ୍ଥିର କରାଯାଇଛି କି?

ବାବୁ: ଦୁନିଆର ଅଲଗା ଅଞ୍ଚଳରେ ଏହା ଭିନ୍ନ ହୋଇପାରେ। କିନ୍ତୁ ସେ ସମୟରେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ହାରାହାରି ପରିମାଣ ୩୦୦ ପିପିଏମ୍ ଥିଲା। ପିପିଏମ୍ ଅର୍ଥ ହେଉଛି ପ୍ରତି ମିଲିଅନ୍‌ରେ କେତେ ଅଂଶ। ୧୭୮୦ ମସିହାରେ ଏହା ୨୮୦ ପିପିଏମ୍ ଥିଲା। ଜଳବାୟୁ ଅଧ୍ୟୟନରୁ ଆମେ ଏବେ ଜାଣିଛେ ଯେ ବିଶ୍ୱ ଜଳବାୟୁକୁ ନିୟନ୍ତ୍ରଣ କରିବାରେ ବାୟୁମଣ୍ଡଳୀୟ ଅଙ୍ଗାରକାମ୍ଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅତୀତର ବରଫରେ ଫସି ରହିଥିବା ଫୋଟକାକୁ ମାପି ସେସମୟର ବାୟୁମଣ୍ଡଳରେ ସବୁଜକୋଠରୀ ବାଷ୍ପର ପରିମାଣ ମାପି ହେଉଛି।

ରାଜା: ମୁଁ ଭାବୁଛି ଏକଥା ସ୍ପଷ୍ଟ ଯେ ଶିଳ୍ପବିପ୍ଲବ ଆରମ୍ଭ ହେବା ପରେ ବାୟୁମଣ୍ଡଳୀୟ ଅଙ୍ଗାରକାମ୍ଳର ସ୍ତର ବଢ଼ିଯାଇଛି।

ବାବୁ: ହଁ, ଏଥିରେ କୌଣସି ସନ୍ଦେହ ନାହିଁ। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ଘନତା ପ୍ରଥମ ଥର ପାଇଁ ୧୯୫୮ ମସିହାରେ ହାୱାଇ ଦ୍ୱୀପର ମୌନା ଲୋଆ ପର୍ବତ ଶିଖରରେ ପ୍ରାୟ ୪୦୦୦ ମିଟର ଉଚ୍ଚତାରେ ମପାଯାଇଥିଲା।

ଜଣେ ଛାତ୍ର: ଏ କାମ ପାଇଁ ଏହି ଜାଗାକୁ କାହିଁକି ବଛାଯାଇଥିଲା?

ବାବୁ: କାରଣ ଏହା ସ୍ଥାନୀୟ ପ୍ରଦୂଷଣ ସ୍ରୋତଠାରୁ ଦୂରରେ। ଜଣେ ଆମେରିକୀୟ ବୈଜ୍ଞାନିକ ଚାର୍ଲସ୍ କିଲିଙ୍ଗ୍ ବିଶ୍ୱ ଉଷ୍ମାୟନ ସପକ୍ଷରେ ମତ ଉପସ୍ଥାପିତ କରିବା ପରେ ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଲେ। ୧୯୫୦ ଦଶକର ଶେଷ ଏବଂ ୧୯୬୦ ଦଶକର ଆରମ୍ଭ ସମୟରେ ସେ ଆଣ୍ଟାର୍କଟିକା ଏବଂ ମୌନା ଲୋଆ ଅଞ୍ଚଳରେ ଅଙ୍ଗାରକାମ୍ଳ ବାଷ୍ପର

ଘନତା ମାପିବା ପାଇଁ ସେ ସମୟରେ ଉପଲବ୍ଧ ସବୁଠାରୁ ଆଧୁନିକ କାରିଗରୀ କୌଶଳ ବ୍ୟବହାର କଲେ। ଫଳସ୍ୱରୂପ, କିଲିଙ୍ଗ ଅଙ୍ଗାରକାମ୍ଳ ବାଷ୍ପ କର୍ଭ ୧୯୫୮ ମସିହାରେ ପ୍ରଥମ ମପା ହେବା ପରେ ଅଶୁଭସୂଚକ ଭାବରେ ବଢ଼ିବାରେ ଲାଗୁଛି ଏବଂ ବିଶ୍ୱ ଉଷ୍ମାୟନର ପ୍ରମୁଖ ପ୍ରତୀକ ହୋଇଗଲା।

କୃଷ୍ଣ: ବିଶ୍ୱ ଉଷ୍ମାୟନ ଗଣମାଧ୍ୟମର ଦୃଷ୍ଟି କିପରି ଆକର୍ଷିତ କଲା?

ବାବୁ: ଏହା ଅଧିକାଂଶତଃ ଶୀତଳ ଯୁଦ୍ଧ ସମୟରେ ବିଶ୍ୱ ଉଷ୍ମାୟନ ଉପରେ ଅଧିକାଂଶ ମୌଳିକ କାମ ହୋଇଗଲା। ଗିଲବର୍ଟ ପ୍ଲସ୍ ନାମକ ଆଉ ଜଣେ ଆମେରିକୀୟ ବୈଜ୍ଞାନିକ ୧୯୫୯ ମସିହାରେ ଗୋଟିଏ ନିବନ୍ଧ ପ୍ରସ୍ତୁତ କରିଥିଲେ। ସେଥିରେ ସେ ଘୋଷଣ କରିଥିଲେ ଯେ ବିଂଶ ଶତାବ୍ଦୀ ଶେଷ ବେଳକୁ ବିଶ୍ୱର ତାପମାତ୍ରା ୩ ଡିଗ୍ରୀ ସେଲସିଅସ ଯାଏଁ ବଢ଼ିଯିବ।

ରାଜା: ଆଜ୍ଞା, ଆମ ସାର୍ ଆମକୁ କହିଥିଲେ ନିବନ୍ଧର ଶୀର୍ଷକ ଥିଲା "ମଣିଷ ପ୍ରତି ବର୍ଷ କେତେ ଟନ୍ ଅଙ୍ଗାରକାମ୍ଳ ଯୋଡ଼ି ପ୍ରାକୃତିକ ପ୍ରକ୍ରିୟାର ସନ୍ତୁଳନକୁ ନଷ୍ଟ କରୁଛି।"

ବାବୁ: ସେବେଠାରୁ ହଜାର ହଜାର ପତ୍ରିକାରେ ଲେଖାଟି ପ୍ରକାଶିତ ହେଲା। ଟିଭି ସମାଚାର ଏବଂ ଡକୁମେଣ୍ଟାରି ଆଦିରେ ଏହାର ଚର୍ଚ୍ଚା ହେଲା ଏବଂ ଗଣମାଧ୍ୟମରେ ବି ଏହା ଉପରେ ଆଲୋଚନା ହେଲା।

ମୀରା: ବିଶ୍ୱ ଉଷ୍ମାୟନର ବିଜ୍ଞାନ ଆଉ ବିଶ୍ୱ ଉଷ୍ମାୟନର ପ୍ରକୃତ ବିପଦକୁ

ବୁଝିବାରେ ଏତେ ଡେରି କାହିଁକି ହେଲା?

ବାବୁ: ବିଶ୍ୱ ଉଷ୍ମାୟନର ବିପଦକୁ ଚିହ୍ନିବାରେ ଡେରି ହେବାର ମୁଖ୍ୟ କାରଣ ହେଉଛି, ସବୁଠାରୁ ପ୍ରଥମେ ବିଶ୍ୱର ହାରାହାରି ତାପମାତ୍ରା ଡାଟା ସେଟ୍‌ର ଦକ୍ଷତା ଏବଂ ଦ୍ୱିତୀୟ କାରଣ ହେଉଛି ବିଶ୍ୱ ପରିବେଶ ଉପରେ ସଚେତନତା ଆସିବାର ଆବଶ୍ୟକତା।

ହରିଶ: ଆଜ୍ଞା, ପୃଥିବୀ ଶିଖର ସମ୍ମିଳନୀ ବା ଆର୍ଥ ସମିଟ୍ ପରେ ପରେ ଆମ ପରିବେଶ ସୁରକ୍ଷାର ଆବଶ୍ୟକତା ବିଷୟରେ କିଛିଟା ସଚେତନତା ବଢ଼ିଛି। ସତ ନୁହେଁ କି?

ଲକ୍ଷ୍ମୀ: ପୃଥିବୀ ଶିଖର ସମ୍ମିଳନୀ? ସେ ପୁଣି କ'ଣ?

ରାଜା: ମୁଁ କହୁଛି। ପୃଥିବୀ ଶିଖର ସମ୍ମିଳନୀ ପରିବେଶ ଏବଂ ବିକାଶ ଉପରେ ଜାତିସଂଘର ସମ୍ମିଳନୀର ଅନୌପଚାରିକ ନାଁ। ୟୁଏନସିଇଡି। ୧୯୯୨ ମସିହାରେ ରିଓ ଡି ଜେନିରୋରେ ଏହା ହୋଇଥିଲା। ବେସରକାରୀ ସଂସ୍ଥାର ପ୍ରାୟ ୨୪୦୦ ସଭ୍ୟଙ୍କ ସହିତ ୧୭୮ ସରକାର ଏଥିରେ ଭାଗ ନେଇଥିଲେ।

ବାବୁ: ଏହାର ପରବର୍ତ୍ତୀ କାର୍ଯ୍ୟକ୍ରମ ଭାବରେ ୧୯୭୨ ମସିହାରେ ଷ୍ଟକହୋମରେ ପୃଥିବୀ ଶିଖର ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା ନିରନ୍ତର ବିକା ଏବଂ ପ୍ରାକୃତିକ ପରିବେଶର ସୁରକ୍ଷା ଦିଗରେ ବିଶ୍ୱ ସ୍ତରୀୟ ପ୍ରଚେଷ୍ଟାକୁ ସମନ୍ୱିତ କରିବା।

ରାଜା: ୧୯୭୨ରୁ ୧୯୯୨ ମସିହା ଭିତରେ ଅନେକ ଅନ୍ତଃରାଷ୍ଟ୍ରୀୟ

ସମ୍ମିଳନୀ ଏବଂ ବିଧିବ୍ୟବସ୍ଥା ହେବାକୁ ଲାଗିଲା। ଏଥିରେ ସମସ୍ତଙ୍କର ସହମତି ଥିଲା ଯେ ବିଶ୍ୱ ସ୍ତରରେ ଚିନ୍ତା କର , ସ୍ଥାନୀୟ ରୂପରେ ଏହାକୁ କାମରେ ଲଗାଅ।

ଜଣେ ଛାତ୍ର: ୟୁଏନଏଫସିସି କ'ଣ?

ବାବୁ: ଜଳବାୟୁ ପରିବର୍ତ୍ତନ ପାଇଁ ଜାତିସଂଘ ର ସଂସ୍ଥା ବା ୟୁଏନଏଫସିସି। ୧୯୯୨ ମସିହାରେ ରିଓ ଶିଖର ସମ୍ମିଳନୀ ସଂଘରେ ପରିବେଶ ଉପରେ ବିକଶିତ ଏକ ଅନ୍ତଃରାଷ୍ଟ୍ରୀୟ ସନ୍ଧି। ୧୯୯୪ରେ ସମ୍ମିଳନୀ ହେଲା। ଏସବୁ ଜଳବାୟୁ ପରିବର୍ତ୍ତନର ଭୟଙ୍କରତାକୁ ସାମନା କରିବା ପାଇଁ ବିଶ୍ୱସ୍ତରୀୟ ପ୍ରଚେଷ୍ଟାର ଗୋଟିଏ ଅଂଶ।

କୃଷ୍ଣ: ୟୁଏନଏଫସିସିର ଉଦ୍ଦେଶ୍ୟ କ'ଣ?

ବାବୁ: ଏହାର ଉଦ୍ଦେଶ୍ୟ ହେଉଛି ବାୟୁମଣ୍ଡଳରେ ସବୁଜକୋଠରୀ ବାଷ୍ପର ଘନତା ସ୍ଥିର ରଖିବା। ଯେପରି ତାହା ପୃଥିବୀ ଉପରେ ପକାଉଥିବା ପ୍ରତିକୂଳ ପ୍ରଭାବକୁ କମାଇପାରିବ।

ରାଜା: ମୁଁ ଭାବୁଛି ଏଠାରେ ଆଇପିସିସି ବିଷୟରେ ବି ଉଲ୍ଲେଖ କରିବା ଦରକାର।

ବାବୁ: ଆଚ୍ଛା, କୌଣସି ଛାତ୍ର ଏଇ ଆଇପିସିସି ବିଷୟରେ କିଛି କହିବେ କି?

ଜଣେ ଛାତ୍ର: ମୁଁ ଚେଷ୍ଟା କରୁଛି । ଜଳବାୟୁ ପରିବର୍ତ୍ତନ ଉପରେ ଆନ୍ତଃସରକାରୀ ପ୍ୟାନେଲ ଆଇପିସିସି ଗୋଟିଏ ଅନ୍ତର୍ରାଷ୍ଟ୍ରୀୟ

ବୈଜ୍ଞାନିକ ସଂଗଠନ। ଏହା ୟୁଏନଇପି ଏବଂ ବିଶ୍ୱ ଜଳବାୟୁ ସଂଗଠନ ଦ୍ୱାରା ୧୯୮୮ ମସିହାରେ ଏହା ଗଠନ କରାଯାଇଥିଲା। ଜଳବାୟୁ ପରିବର୍ତ୍ତନକୁ ବୁଝିବା ପାଇଁ ଏହାର ଏହା ବୈଜ୍ଞାନିକ, କାରିଗରି କୌଶଳ ଏବଂ ସାମାଜିକ ଅର୍ଥନୈତିକ ତଥ୍ୟ ଅଧ୍ୟୟନ କରିବା ଏହା ମୂଳ ଉଦ୍ଦେଶ୍ୟ ଥିଲା।

ବାବୁ: ଏବେ ଆପଣମାନେ ବୁଝିପାରିଥିବେ ଯେ ଅନେକ କାରକର ସମ୍ମିଶ୍ରଣ ହିଁ ବିଶ୍ୱ ଉଷ୍ମାୟନ ପରିକଳ୍ପନାକୁ ବୁଝିବା, ଚିହ୍ନିବା ଏବଂ ଗ୍ରହଣ କରିବା ଦିଗରେ କାମ କରିଛି। ରାଜା, ଏସବୁର ତାଲିକା ଆମେ ତିଆରି କରିପାରିବା କି?

ରାଜା: ପ୍ରଥମ, ବିଶ୍ୱ ଉଷ୍ମାୟନର ଅଧ୍ୟୟନ ନିଶ୍ଚିତ ରୂପରେ ୧୯୬୦ ଦଶକର ମଝିଭାଗରୁ କରାଯାଉଥିଲା। ଦ୍ୱିତୀୟ, ବିଶ୍ୱ ଉଷ୍ମାୟନ ତଥ୍ୟର ଉତ୍ଥାନ ପତନ ଯାହା ପ୍ରଥମେ ୧୯୮୦ ଦଶକର ଶେଷ ଆଡ଼କୁ ଲକ୍ଷ୍ୟ କରାଗଲା।

ବାବୁ: ମୁଁ ଏଥିରେ ଯୋଡ଼ିବି। ତୃତୀୟ, ୧୯୮୦ ଦଶକରେ ଆମର ଜ୍ଞାନ ବଢ଼ିବାରୁ ବାୟୁମଣ୍ଡଳୀୟ ଅଙ୍ଗାରକାମ୍ଳର ପରିବର୍ତ୍ତନ ଉପରେ ପ୍ରତିକ୍ରିୟା ବ୍ୟକ୍ତ ହେଲା। ଚତୁର୍ଥ, ସୁପର କମ୍ପ୍ୟୁଟର ଉପଯୋଗ କରି ଜଳବାୟୁ ମଡେଲ ପ୍ରସ୍ତୁତ କରିବା। ପଞ୍ଚମ, ବିଶ୍ୱ ସ୍ତରୀୟ ପରିବେଶ ସଚେତନତା ଆରମ୍ଭ। ଷଷ୍ଠ, ଗଣମାଧ୍ୟମ ଏ ଦିଗ ପ୍ରତି ଆଗ୍ରହ ଦେଖାଇବା। ସପ୍ତମ, ରାଜନୀତିକ ନେତା ଏବଂ ଅର୍ଥନୀତିଜ୍ଞ ଜଳବାୟୁ ପରିବର୍ତ୍ତନ ଆଲୋଚନାରେ ଭାଗ ନେବାକୁ ଆରମ୍ଭ କଲେ।

ହରିଶ: ସାଧାରଣ ଲୋକ ଯେତିକି ବୁଝୁଛନ୍ତି, ଜଳବାୟୁ ପରିବର୍ତ୍ତନ ବିଶ୍ୱ ସ୍ତରରେ ରାଜନୈତିକ ବିଷୟ ହୋଇଗଲାଣି।

ବାବୁ: ଆପଣ ଠିକ କହିଛନ୍ତି। ଆଇପିସିସି ୧୯୯୦, ୧୯୯୬, ୨୦୦୧, ୨୦୦୭ ଏବଂ ୨୦୧୩ ମସିହାରେ ଜଳବାୟୁ ପରିବର୍ତ୍ତନ ଉପରେ କିଛି ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ପ୍ରକାଶ କରିଛନ୍ତି । ବୈଜ୍ଞାନିକ, ଅର୍ଥନୀତିଜ୍ଞ, କର୍ମଚାରୀ, ସରକାର ଏବଂ ରାଜନୀତିକ ନେତା ଏହା ଉପରେ ଗୁରୁତ୍ୱର ସହ ଆଲୋଚନା କରିଥିଲେ।

ରାଜା: ୧୯୯୨ ମସିହାର ପୃଥିବୀ ଶିଖର ସମ୍ମିଳନୀର ପରବର୍ତ୍ତୀ କାର୍ଯ୍ୟକ୍ରମ ଭାବରେ ସବୁଜକୋଠରୀ ବାଷ୍ପର ଘନତା ସ୍ଥିର କରିବା ପାଇଁ ଅନ୍ତର୍ରାଷ୍ଟ୍ରୀୟ ସ୍ତରରେ କେତେଗୁଡ଼ିଏ ସମ୍ମିଳନୀ ଆୟୋଜିତ ହୋଇଥିଲା ଯେପରି ଜଳବାୟୁ ଦିଗରେ ମଣିଷର ବିପଦଜନକ କାର୍ଯ୍ୟକଳାପକୁ ଅଟକାଇଦେବ।

ମୀରା: ଆମେ କ୍ୟୋଟୋ ପ୍ରୋଟୋକଲ୍ ବିଷୟରେ ଶୁଣିଛୁ । ପ୍ରକୃତରେ ତାହା କ'ଣ?

ବାବୁ: ସବୁଜକୋଠରୀ ବାଷ୍ପର ଘନତା ସ୍ଥର କରିବା ପାଇଁ ପୃଥିବୀ ଶିଖର ସମ୍ମିଳନୀର ସଦସ୍ୟ ଦେଶମାନେ ନେଇଥିବା ପ୍ରତିଜ୍ଞାକୁ ବୁଝିବା ପାଇଁ ୧୯୯୭ ମସିହାରେ ଜାପାନର କ୍ୟୋଟୋ ଠାରେ ଗୋଟିଏ ଚୁକ୍ତିକୁ ଚୂଡ଼ାନ୍ତ ରୂପ ଦିଆଯାଇଥିଲା। ଏହା ହିଁ କ୍ୟୋଟୋ ପ୍ରୋଟୋକଲ୍ ଭାବରେ ଜଣା। ଦେଶମାନଙ୍କ ଦ୍ୱାରା ଛଅଟି ସବୁଜକୋଠରୀ ବାଷ୍ପ କମେଇବା ଦିଗରେ ପ୍ରଥମ ଆନ୍ତର୍ରାଷ୍ଟ୍ରୀୟ ଚୁକ୍ତି ଥିଲା। ୨୦୦୫ ମସିହା ଫେବୃଆରୀ

୧୬ ତାରିଖ ଦିନ ଏହା ଲାଗୁ ହୋଇଥିଲା। କିନ୍ତୁ ଦୁର୍ଭାଗ୍ୟବଶତଃ. ଏବେ ବି କ୍ୟୋଟୋ ପ୍ରୋଟୋକଲ୍ କୁ ଗ୍ରହଣ କରିବା ଏବଂ କାର୍ଯ୍ୟକାରୀ କରିବା ବିଷୟରେ ବିକଶିତ ଏବଂ ବିକାଶଶୀଳ ଦେଶମାନଙ୍କ ଭିତରେ ଏକମତ ଆସିପାରିନାହିଁ। ବିଭିନ୍ନ ସ୍ଥାନରେ ଅଲଗା ଅଲଗା ସମ୍ମିଳନୀ ଆୟୋଜିତ ହେଲା। ଶେଷଟି ପ୍ୟାରିସରେ ହୋଇଥିଲା। କିନ୍ତୁ ସେଠାରେ ବି ସର୍ବସମ୍ମତ ଆସିପାରିଲା ନାହିଁ।

ରାଜା: ଏବେ ଖାଇବା ସମୟ ହୋଇଗଲା। ଆମ ଅତିଥି ଏବେ ଖାଇବାକୁ ଯିବେ। କ୍ଷମା କରନ୍ତୁ, ଆଜିର ଚର୍ଚ୍ଚା ଆମେ ଏଇଠି ଶେଷ କରିବା। ଆଜ୍ଞା, ଆପଣଙ୍କର ଶେଷ ମତ କ'ଣ?

ବାବୁ: ଧନ୍ୟବାଦ। ଆମକୁ ବିଶ୍ୱସ୍ତରୀୟ ରାଜନୀତି ଆଉ ଶୁଦ୍ଧ ଶକ୍ତି କାରିଗରୀ କୌଶଳ ଉପରେ ଆମର ଆଶା ଛାଡ଼ିବା ଉଚିତ ନୁହେଁ। ସବୁଠାରୁ ଖରାପ ପରିସ୍ଥିତି ପାଇଁ ଆମକୁ ପ୍ରସ୍ତୁତ ହୋଇ ରହିବାକୁ ହେବ। ଯଦି ଠିକ ଭାବରେ ଲାଗୁ କରାଯାଇପାରିବ , ତେବେ ଜଳବାୟୁ ପରିବର୍ତ୍ତନ ଯୋଗୁ ହେବାକୁ ଥିବା କ୍ଷତି ଏବଂ ମଣିଷ ଜୀବନ ହାନୀକୁ ରକ୍ଷା କରାଯାଇପାରିବ।

କୃଷ୍ଣ: ଆଜ୍ଞା, ଏଥିପାଇଁ ଜାତୀୟ ଏବଂ ଆଞ୍ଚଳିକ ସ୍ତରରେ ଆସନ୍ତା ପଚାଶ ବର୍ଷ ପାଇଁ ଯୋଜନା କରିବା ଦରକାର। କିନ୍ତୁ ଅଧିକାଂଶ ସମାଜରେ ସ୍ୱଳ୍ପକାଳୀନ ରାଜନୀତି ଯୋଗୁ ଏହା ହୋଇପାରୁନାହିଁ।

ବାବୁ: ଆପଣଙ୍କ ସହ ମୁଁ ଏକମତ। ବିଶ୍ୱ ଉଷ୍ମାୟନ ଦିଗରେ ଆମେ କ'ଣ କରିପାରିବା। ଆମ ସମାଜରେ ଥିବା କିଛି ମୌଳିକ ନିୟମକୁ ଆମକୁ

ବଦଳାଇବାକୁ ହେବ। ତାହେଲେ ଆମେ ବିଶ୍ୱସ୍ତରୀୟ ଏବଂ ଦୀର୍ଘକାଳୀନ ଦୃଷ୍ଟିକୋଣ ଗ୍ରହଣ କରିପାରିବା। ଏକ ଉତ୍ତପ୍ତ ଦୁନିଆ ପାଇଁ ଆମକୁ ଶୀତଳ ସମାଧାନ ଦରକାର। ନମସ୍କାର।

ରାଜା: ଧନ୍ୟବାଦ ଆଜ୍ଞା। ଏହା କେବଳ ଆରମ୍ଭ ମାତ୍ର। ଅଧିକ ଜାଣିବା ପାଇଁ ଆମେ ଆପଣଙ୍କୁ ପୁଣି ଥରେ ନିମନ୍ତ୍ରଣ କରିବୁ। ଏବେ ବନ୍ଧୁଗଣ ରାତିଖାଇବା ପାଇଁ ଯିବା।

ସମସ୍ତେ: ଧନ୍ୟବାଦ।